**OFFICE OF THE TAHASILDAR, GANIA,**
**DIST.-NAYAGARH**
ତହସିଲଦାର, ଗଣିଆଙ୍କ କାର୍ଯ୍ୟାଳୟ, ଜିଲ୍ଲା-ନୟାଗଡ

**E-Mail-*tah.gania-od@nic.in*,**
***tahasilgania@gmail.com***
**Phone No.-*06757-226075***

## ଇସ୍ତାହାର

ସଂଖ୍ୟା ...୧୩୬୩........ ତାରିଖ...୨୨.୦୮.୨୦୨୦

### ଲଘୁ ଖଣିଜ ପଦାର୍ଥ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଗଣିଆ ତହସିଲ୍ ଅନ୍ତର୍ଗତ ନିମ୍ନ ପ୍ରଦତ (ସାରଣୀ-୧ ରେ ବର୍ଣ୍ଣିତ) ୦୩ ଗୋଟି ନୂତନ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ (ସୈରାତ୍) ଗୁଡିକର **Lease Agreement** ସଂପାଦନ ହେବା ଦିନଠାରୁ ୦୫ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ସୂତ୍ରେ ଲିଜ୍ ପ୍ରଦାନ କରାଯିବା ନିମନ୍ତେ ପ୍ରତ୍ୟେକ ଉତ୍ସ ପାଇଁ ଅଲଗା ଅଲଗା ଭାବେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଷେଶ/ ଅନୁଷ୍ଠାନ **O.M.M.C Rule-2016** ର **Form-M** ପୂରଣ କରି ଏହାର ତିନି କିତା **(three copies)** ନକଲ ସହିତ ଅପର ପାର୍ଶ୍ୱରେ ଉଲ୍ଲେଖିତ ଦଲିଲ ଦସ୍ତାବିଜ ସଲଗ୍ନ କରି ଯଉମୁଦ ଲଫାପା **(Sealed Cover)** ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କେବଳ **ରେଜିଷ୍ଟ୍ରି ଡାକ କିମ୍ବା ସ୍ପିଡ୍ ପୋଷ୍ଟ ଦ୍ୱାରା** ଗ୍ରହଣ କରାଯିବ । ଲଫାପା ଉପରେ ସୈରାତ୍ ଉତ୍ସର ନାମ ଉଲେଖ ରହିବା ଏକାନ୍ତ ଆବଶ୍ୟକ । ଗୋଟିଏ ଲଫାପାରେ କେବଳ ଗୋଟିଏ ଉତ୍ସ ପାଇଁ ଆବେଦନ କରିବେ । ଏକାଧିକ ଉତ୍ସ ପାଇଁ ଆବେଦନ କରୁଥିଲେ ଅଗଲା ଅଗଲା ଭାବରେ ଆବେଦନ କରି ଲଫାପା ଉପରେ ସୈରାତ୍ ଉତ୍ସର ନାମ ଉଲେଖ ରହିବା ଏକାନ୍ତ ଆବଶ୍ୟକ । ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । କୌଣସି କାରଣ ବଶତଃ ଲିଜ୍‌କୁ ସ୍ଥଗିତ କିମ୍ବା ପରିବର୍ତନ ବା ରଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ଅଛି । ଲିଜ୍ ଆବେଦନ ପାଇଂ ଦରଖାସ୍ତ / **Sealed Tender** ଗ୍ରହଣର ଶେଷ **ତା ୨୬.୦୮.୨୦୨୦ ରିଖ** ଅପରାହ୍ନ **୪.୦୦** ଘଟିକା ଅଟେ । ଉକ୍ତ ଦରଖାସ୍ତ ଗୁଡିକ ତା.୨୬.୦୮.୨୦୨୦ ରିଖ ଅପରାହ୍ନ **୪.୧୦** ଘଟିକା ସମୟରେ ଦରଖାସ୍ତକାରୀଙ୍କ ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ **Sealed Tender** ଖୋଲାଯାଇ ସର୍ବୋଚ୍ଚ ବା ସର୍ବାଧିକ ଅତିରିକ୍ତ ମୂଲ୍ୟ **(Additional Charge)** ଦର୍ଶାଉଥିବା ଦରଖାସ୍ତକାରୀଙ୍କ ଯଦି ଆନୁସଙ୍ଗିକ କାଗଜାତ୍ / ଦଲିଲ ଓ ଅନ୍ୟାନ୍ୟ ସର୍ତାବଳୀ ଠିକ୍ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସଂପୃକ୍ତ ଖାଦାନ ପାଇଁ ସମାନ ଅତିରିକ୍ତ ମୂଲ୍ୟ ଦର୍ଶାଇ ଥିଲେ ଲଟେରୀ ମାଧମରେ ସଫଳ ନିଲାମଧାରୀ ଚୟନ କରାଯିବ । ଯଦି ପ୍ରଥମେ ଧାର୍ଯ୍ୟ ତାରିଖ ମଧରେ କୌଣସି ଉତ୍ସ ପାଇଁ ଯୋଗ୍ୟ ଆବେଦନ ଦରଖାସ୍ତ ପ୍ରାପ୍ତି ହୋଇ ନଥାଏ ବା କୌଣସି କାରଣ ବଶତଃ ଲିଜ୍ ଚୁଡାନ୍ତ ହୋଇନପାରେ ତାହାହେଲେ ୨ୟ ଥର ପାଇଁ **ତା.୦୯.୦୯.୨୦୨୦ ରିଖ** ଅପରାହ୍ନ ୪.୦୦ ଘଟିକା ଏବଂ ୩ୟ ଥର ପାଇଁ **ତା.୨୩.୦୯.୨୦୨୦ ରିଖ** ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ ଉପରୋକ୍ତ ପ୍ରଣାଳୀରେ ଦରଖାନ୍ତ ଗ୍ରହଣ କରାଯିବ ଏବଂ ସେ ଗୁଡିକ ସେହି ଦିବସର ଅପରାହ୍ନ ୪.୧୦ ସମୟରେ ତହସିଲଦାର, ଗଣିଆଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଯଥାକ୍ରମେ ୨ୟ ଓ ୩ୟ ଥର ପାଇଁ ଖୋଲାଯାଇ ଯୋଗ୍ୟ ବ୍ୟକ୍ତି ଚୟନ କରାଯିବ । ଧାର୍ଯ୍ୟ ତାରିଖର ଉଦିଷ୍ଟ ସମୟ ପରେ ପ୍ରାପ୍ତ କୌଣସି ଦରଖାସ୍ତ ବିଚାରଭୂକ୍ତ ହେବନାହିଁ ।

ଏହି ସୈରାତ୍ ଉକ୍ତ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ WWW.nayagarh.nic.in ରେ ଉପଲବ୍ଧ ହେବ । ଏହା ବ୍ୟତିତ ଏଥି ସମ୍ବନ୍ଧୀୟ ସମସ୍ତ ବିବରଣୀ ଅନ୍ୟାନ୍ୟ ନିୟମାବଳୀ ତହସିଲ୍‌ଦାର, ଗଣିଆଙ୍କ କାର୍ଯ୍ୟାଳୟରୁ ସରକାରୀ କାର୍ଯ୍ୟ ଦିବସରେ ଓ ସମୟରେ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି କିମ୍ବା ସଂସ୍ଥା ଜଉମୁଦ **(sealed)** ଲଫାପରେ ଆବେଦନ ପତ୍ର କେବଳ ରେଜିଷ୍ଟ୍ରି ଡାକ କିମ୍ବା ସ୍ପିଡ୍ ପୋଷ୍ଟ ଦ୍ୱାରା **"ତହସିଲଦାର, ଗଣିଆ, ସା/ପୋଷ୍ଟ-ଗଣିଆ, ଜିଲ୍ଲା-ନୟାଗଡ, ପିନ-୭୫୨୦୮୫**, ଓଡିଶାଙ୍କ" ଠିକଣାରେ ପଠାଇବେ ନଚେତ୍ ଏହା ସ୍ୱତଃ ନାକଚ ହୋଇଯିବ । **ଅନ୍ୟ କୌଣସି ପ୍ରକାରରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।**

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ୍ / କାଗଜାତ୍**

୧. ଦରଖାସ୍ତ ସହ (ଅଣ ଫେରସ୍ତ) ଟ.୧,୦୦୦/- (ଏକ ହଜାର) ଙ୍କା ତହସିଲଦାର, ଗଣିଆଙ୍କ ନାମେ ଟ୍ରେଜେରୀ ଚାଲାଣ ସଂଲଗ୍ନ କରିବେ । **(Head of Account No.-0853-Non ferrous Mining & Metallurgical Industries-102-Mineral Concession Fees, Rents and Royalities).**

୨. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଯଥା- ଖାତା, ପ୍ଲଟ, ରକବା **(Land Schedule)** କିସମ ଓ ନକ୍ସା **(Quarry Lease Plan)** ସଲଗ୍ନ କରିବେ ।

୩. **Odisha Minor Mineral Concession Rules, 2016** ଆଧାରରେ, ଦରଖାସ୍ତକାରୀଙ୍କ ଉପରେ କୌଣସି ବକେୟା ଅର୍ଥ ପଇଠ କରିବାକୁ ନଥିବା ସମ୍ବନ୍ଧୀୟ ସତ୍ୟ ପାଠ ।

୪. **Rule-27 (iv) of OMMC Rules,2016** ଦରଖାସ୍ତକାରୀ **Solvency Certificate/** ବ୍ୟାଙ୍କ୍ ଗ୍ୟାରେଂଟି ଯାହାକି ୧୮ ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରିକୃତ ପରିମାଣ **(M.G.Q)** ର ଏକ ବର୍ଷର ରୟାଲିଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ **(Offered Additional Charge)** ଠାରୁ କମ୍ ହୋଇନଥିବ (ନିର୍ଦ୍ଧିଷ୍ଟ ରାଶିଠାରୁ କମ୍ ହେବ ନାହିଁ ) **(Bank Guarantee valid for a period of 18 months for an amount of not less than the amount of additional charge offered plus the Royality payable for the Minimum Quranted Quantity (MGQ) for one whole year** ତାହା ଦାଖଲ କରିବେ ।

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତିର ଏକ ତାଲିକା ପ୍ରଦାନ କରିବେ ।

୬. **Income Tax Clearance Certificate or an Affidavit stating there in that no income tax pending against the applicant** ଦାଖଲ କରିବେ ।

୭. ନିଜର ଭୋଟର ପରିଚୟ ପତ୍ର / ଆଧାର କାର୍ଡ ଏବଂ **PAN card** ନକଲ ପ୍ରଦାନ କରିବେ ।

୮. **Eearenest Money Deposit** ର ପ୍ରମାଣପତ୍ର ଯାହାକି ନୋଟିସ୍ ଦର୍ଶିତ ସର୍ବନିମ୍ନ ସ୍ଥିରିକୃତ ପରିମାଣ **(M.G.Q)** ର ପୂରା ଏକ ବର୍ଷର ଅତିରିକ୍ତ ମୂଲ୍ୟ **(Additional Charge)** ଯୁକ୍ତ ଏକ ବର୍ଷର ରୟାଲିଟି ମୂଲ୍ୟର ଶତକଡା ୫ ରୁ କମ୍ ହୋଇନଥିବାର **Demand Draft Tahasildar, Gania & Payable at SBI, Daspalla** ଙ୍କ ନାମେ ପ୍ରସ୍ତୁତ ରକି ଦରଖାସ୍ତ ଫର୍ମ ସହିତ ସଲଗ୍ନ କରିବେ ।

୯. ଅସମ୍ପୂର୍ଣ୍ଣ ବା ଆବଶ୍ୟକ କାଗଜାତ ନଥିବା ଦରଖାସ୍ତ ନାକଚ କରାଯିବ ।

୧୦. ସଫଳ ନିଲାମଧାରୀ ଲିଜ୍ ଚୁକ୍ତିନାମା ପୂର୍ବରୁ ଟ.୧୦,୦୦୦.୦୦ (ଦଶ ହଜାର) ଙ୍କା ମାତ୍ର ସିକ୍ୟୁରିଟି ଡିପୋଜିଟ୍ ଧାରା ୪୨ ଅନୁଯାୟୀ କରିବେ ।

## ସର୍ତାବଳୀ

୧. ଆବେଦନକାରୀ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ ୨୦୧୬ ଓ ଅନ୍ୟ ସମସ୍ତ **Amendment Rules-2017 & 2018** ଏବଂ ପରିବର୍ତୀ ତତ୍ ସମ୍ବନ୍ଧୀୟ ସମସ୍ତ ଆଇନର ପରିସରଭୂକ୍ତ ରହିବେ ।

୨. ଲିଜ୍ ଅବଧି **Lease Agreement Registration** ହେବା ଦିନ ଠାରୁ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଦରଖାସ୍ତକାରୀ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ୍ ପରିଚାଳନା ପାଇଁ ଗମନା ଗମନର ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ । ଯେଉଁ ସୈରାତ୍ ଉତ୍ସ ଗୁଡିକୁ ସରକାରୀ ରାସ୍ତା ନାହିଁ ସେଥିରେ ଲିଜ୍ ନେଇଥିବା ବ୍ୟକ୍ତି ବିଶେଷ ସୈରାତ ଉତ୍ସକୁ ଗମନା ଗମନର ବ୍ୟବସ୍ଥା ନିଜ ଖର୍ଚ୍ଚ ଓ ଦାୟିତ୍ୱରେ କରିବେ ।

୩. ପ୍ରଚଳିତ ନିୟମାବଳୀ ଅନୁଯାୟୀ **Form-M** ଉପରେ ଦର୍ଶିତ ଅତିରିକ୍ତ ମୂଲ୍ୟ **(Additional Charge)** କୁ ବିଚାରକୁ ନିଆଯାଇ ସଂପୃକ୍ତ ଅତିରିକ୍ତ ମୂଲ୍ୟ ଉଲ୍ଲେଖ୍ୟକାରୀଙ୍କୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ ତେବେ ଲଟେରୀ ମାଧମରେ ଲିଜ୍ଧାରୀଙ୍କ ମାନ ଚୟନ କରାଯିବ । ଯଦି କୌଣସି ଦରଖାସ୍ତକାରୀ ସର୍ବନିମ୍ନ ଧାର୍ଯ୍ୟ ଅତିରିକ୍ତ ମୂଲ୍ୟ **(Additional Charge)** ସାରଣୀ ସୂଚୀତ ପରିମାଣ ରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ସେହି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୪. ମାଇନିଙ୍ଗ ପ୍ଲାନ **(Mining Plan)** ପ୍ରସ୍ତୁତ କରାଯାଇଅଛି । ଏଥି ବାବଦକୁ ପ୍ରାପ୍ୟ ପ୍ରଦତ ଖର୍ଚ୍ଚ ପରିମାଣ ଟଙ୍କା ନୂତନ ସୈରାତ୍ ଉତ୍ସ ସଫଳ ନିଲାମଧାରୀ ପଇଠ କରିବେ ।

୫. ଲିଜରେ **ସୈରାତ୍** ପରିଚାଳନା ସଂପର୍କରେ ପରବର୍ତୀ ସମୟରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତୃପକ୍ଷ ଦାୟୀ ରହିବେ ନାହିଁ, ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତେରେ କର୍ତୁପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ ୨୦୧୬ ଓ **Amendment Rules 2017-18** ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଆଇନ ଆଧାରରେ ଏହା ପରିଚାଳିତ ହେବ ।

୬. ଚୟନ ହୋଇଥିବା ଲିଜ୍ଧାରୀଙ୍କୁ ୭ ଦିନ ମଧରେ **Form-F** ଜରିଆରେ ତାଙ୍କ ଚୟନ ବିଷୟ ଓ ଲିଜ୍ ଜନିତ ସର୍ତାବଳୀ ଜଣାଇ ଦିଆଯିବ ଏବଂ ଜଣାଇବାର ୧୫ ଦିନ ମଧରେ ଚୟନକାରୀ ଯଦି ଏହା ତାଙ୍କୁ ଗ୍ରହଣୀୟ ହୁଏ ତେବେ ସେ ଲିଖିତ ଭାବରେ ଜଣାଇବେ ଏହା ସହିତ ଚୟନକାରୀ ଏକ ସର୍ବନିମ୍ନ ସ୍ଥିରିକୃତ ଲଘୁ ଖଣିଜଦ୍ରବ୍ୟର ରୟାଲିଟି **(Royality)** ମୂଲ୍ୟ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନକୁ ଦେୟ ପ୍ରଭୃତିର ସର୍ବମୋଟ ମୂଲ୍ୟର ଏକ ଚତୁର୍ଥାଂଶ ଯାହା ହେବ ସେଥିରୁ ଡିପୋଜିଟ୍ କରିଥିବା **EMD** ବିୟୋଗ ପରର ମୂଲ୍ୟ କୁ ଏକତ୍ର ମିଶାଇଲେ ଯେଉଁ ରାଶି ହେବ ତାହା ସୁଧ ବିହୀନ ଅମାନତ ଜମା ବୋଲି ବିବେଚନା ହେବ ।

୭. ଯଦି ସଫଳ ନିଲାମଧାରୀ ଉପର ଦର୍ଶିତ ଅନୁଚ୍ଛେଦ ପାରା ଆଧାରରେ ଧାର୍ଯ୍ୟ ରୟାଲିଟି **(Royality)** ମୂଲ୍ୟ ଇତ୍ୟାଦି ତଥା ଅମାନତ ରାଶି ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲେ ତାଙ୍କ ଦ୍ୱାରା ଦାଖଲ ହୋଇଥିବା **EMD** କୁ ବ୍ୟାଜ୍ୟାପ୍ତି କରାଯିବ ଓ ପରବର୍ତୀ ୨ୟ ସର୍ବାଧିକ ଆବେଦନକାରୀଙ୍କ ଲିଜ ପ୍ରଦାନ ପାଇଁ ଚୟନ କରାଯାଇପାରେ । ନିଲାମଧାରୀ ଚୟନ ପରେ ଅକୃତ କାର୍ଯ୍ୟ ନିଲାମଧାରୀଙ୍କୁ ସେମାନଙ୍କ **EMD** ଫେରସ୍ତ କରାଯିବ । ଯଦି ୨ୟ ସର୍ବାଧିକ ଆଦେବନକାରୀଙ୍କ ମୂଲ୍ୟରେ କୌଣସି ସନ୍ଦେହ ହୁଏ ବା ଅନ୍ୟ କୌଣସି କାରଣ ଥାଏ ତେବେ ଅନ୍ୟ କାହାକୁ ନିମାଲ ଦିଆନଯାଇ ପରବର୍ତି ନିଲାମ ଦିବସରେ ନିଲାମ କରାଯିବ ।

୮. ସଫଳ ନିଲାମଧାରୀ ପରିବେଶ ମଂଜୁରୀ **(Environment Clearance)** ସମ୍ବନ୍ଧିୟ ଅନୁମତି ନିଜ ଖର୍ଚ୍ଚ ଓ ଦାୟିତ୍ୱରେ ହାସଲ କରିବେ । ଲିଜ୍‌ଧାରୀ ପରିବେଶ ମ୍ୟାନେଜମେଂଟ ପ୍ଲାନ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଦାୟୀ ରହିବେ ।

୯. ସଫଳ ନିଲାମଧାରୀ ଭାବେ ବିବେଚିତ ହେଲେ ବୋଲି ଜଣାଇ ଦିଆଯିବା ଦିନ ଠାରୁ ୩ ସପ୍ତାହ ମଧରେ ଲିଜ୍ ଡିଡ୍ **(Lease Deed)** ସଂପାଦନ କରିବେ । ନଚେତ୍ ତାଙ୍କ ନିଲାମକୁ ଖାରଜ କରାଯାଇ ତାଙ୍କ ଅମାନତ ବ୍ୟାଜ୍ୟାପ୍ତି କରାଯିବ । ତା ପୂର୍ବରୁ ସେ ପରିବେଶ ମଂଜୁରୀ **(Environment Clearance)** ତଥା ଅନ୍ୟାନ୍ୟ ମଂଜୁର ହାସଲ କରିବେ ।

୧୦.ଇସ୍ତାହାର ପ୍ରକାସନ ଖର୍ଚ୍ଚ ଲିଜ୍‌ଧାରୀ ସମାନୁପାତରେ ବହନ କରିବେ ।

୧୧.Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଦ୍ରବ୍ୟର ଉତୋଳନ ପରିମାଣ ଯାହାକି Minimum Guranted Quantity (MGQ) ଠାରୁ କମ ହୋଇ ନଥିବ ଏହାର ଧାର୍ଯ୍ୟ ରୟାଲିଟି, ଅତିରିକ୍ତ ଦେୟ, DMF ଦେୟ, EMF ଦେୟ, Compensatory and Afforestation ଦେୟ, Deed rent ଏବଂ , Surface rent ଏକ ବର୍ଷ ପାଇଁ ଅଗ୍ରିମ ଲିଜ୍ ଦଲିଲ ସଂପାଦନ କରିବା ପୂର୍ବରୁ ଏକକାଳୀନ ପଇଠ କରିବେ । ନିୟମ ମୁତାବକ ସଫଳ ନିଲାମଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (State Pollution Control Board) ଠାରୁ ପରିବେଶ ମଂଜୁରୀ **(Environment Clearance)** ଓ ପ୍ରଥମ ବର୍ଷର ଧାର୍ଯ୍ୟ ରାଶି ପଇଠ କଲାପରେ ସଫଳ ନିଲାମଧାରୀ (Successful Bidder) ରେଜଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ୧୯୯୯ ଅନୁଯାୟ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତିପତ୍ର (Execution of Lease Deed) ସ୍ୱାକ୍ଷର କରି ଦଶପଲ୍ଲା ସ୍ଥିତ ଉପ-ନିବନ୍ଧକ, ଦଶପଲ୍ଲାଙ୍କ ଠାରେ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ ଫି ଦେୟ କରି ଚୁକ୍ତିନାମାଟି ରେଜିଷ୍ଟ୍ରେସନ କରାଇବେ ।

୧୨. ଲିଜ୍‌ଧାରୀ ଜମା ରୟାଲିଟି ର ୨% ଅର୍ଥ ଆୟକର (TDS) ବାବଦକୁ ଦାଖଲ କରିବେ ।

୧୩.ଲିଜ୍‌ଧାରୀ ସରକାରଙ୍କ ଧାର୍ଯ୍ୟ ଅର୍ଥ (Royality ଓ Additional charge) ର ୫% Environment Management Fund Trust, Bhubaneswar ବାବଦକୁ Draft ଆକାରରେ ଦାଖଲ କରିବେ ।

୧୪. ପ୍ରଚଳିତ ନିୟମ ଅନୁଯାୟୀ Schedule – I & II ର ଧାର୍ଯ୍ୟ ଦର ଲାଗୁ ହେବ । ଲିଜ୍ ଅବଧି ମଧରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲିଟି ଦରରେ କୌଣସି ବୃଦ୍ଧି ଘଟିଲେ ଓ ସମ୍ପୃକ୍ତ ଲିଜ୍‌ଧାରୀ ପରିବର୍ତିତ ମୂଲ୍ୟରେ ଯଦି ବର୍ଦ୍ଧିତ ରୟାଲିଟି ଅନୁମୋଦିତ ରୟାଲିଟି ଠାରୁ ଅଧିକ ହୋଇଥାଏ ତେବେ ତାହା ଦେବାକୁ ବାଧ ହେବେ ।

୧୫. ଲିଜଧାରୀଙ୍କୁ ପ୍ରତିବର୍ଷ ଧାର୍ଯ୍ୟ କରଯାଇଥିବା MGQ ଅନୁଯାୟୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ Royality, deed Rent ଏବଂ Surface Rent OMMC Rules, 2016 ଆଧାରରେ ଦେବାକୁ ପଡିବ ।

୧୬. ଲିଜ୍‌ଧାରୀ ଜଳସିଂଚନ ଓ ବନୀକରଣ କାର୍ଯ୍ୟ କରିବାକୁ ବାଧ ହେବେ ।

୧୭.ଲିଜ୍‌ଧାରୀ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ର ସର୍ତାବଳୀ ଓ ତତ୍ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ନିୟମ ମାନିବା ନିମନ୍ତେ ବାଧ ରହିବେ । ଏଥିଲେ ଖିଲାପ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ।

୧୮. ଲିଜ୍‌ଧାରୀ ଲଘୁ ଖଣିଜ ଦ୍ରବ୍ୟ ଉତୋଳନ ତଥା ଚାଲାଣ ସଂକ୍ରାନ୍ତିୟ ସଠିକ ବିବରଣୀ ତ୍ରୟ ମାସିକ Return Form-P, ଏବଂ ବାର୍ଷିକ Return Form-K ରେ ତହସିଲଦାର, ଗଣିଆଙ୍କ ଠାରେ ଦାଖଲ କରିବାକୁ ବାଧ ରହିବେ । Form-H ରେ ନିର୍ଦ୍ଧାରିତ ଅଧିକାରୀଙ୍କୁ ଜଣାଇବେ ।

୧୯.ଲିଜ୍ ଚୁକ୍ତିନାମା ରେଜିଷ୍ଟ୍ରେସନ **(Registration Deed)** ହେବା ଦିନଠାରୁ ଖାଦାନ ପରିଚାଳନା କରିବାକୁ ବାଧ ରହିବେ ।

୨୦. ଯଦି ଲିଜଧାରୀଙ୍କ ରୟାଲିଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ଭାବେ ମୃତ୍ୟୁ ହେଲେ ତାଙ୍କର ଉତରାଧାକାରୀ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ୍ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ କରି ପରିଚାଳନା କରିପାରିବେ ।

୨୧. ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଲଘୁ ଖଣିଜ ଦ୍ରବ୍ୟ ପରିଚାଳନା ସମ୍ବନ୍ଧୀୟ ଆଦେଶ ଗୁଡିକୁ ଲିଜ୍ଧାରୀ ମାନିବାକୁ ବାଧ୍ୟ । କ୍ଷମତା ସମ୍ପର୍ଣ୍ଣ ଅଧିକାରୀ ଖଣି ପରିଦର୍ଶନ ସମୟରେ ଖାଦାନ ସମ୍ବନ୍ଧୀୟ ସମସ୍ତ ରେକର୍ଡ ତନଖି କରିପାରିବେ ।

୨୨. ଲିଜଧାରୀ ସୈରାତ୍ ଉତ୍ସ ସୀମା ନକ୍ସା ଅନୁଯାୟୀ ଏକ ପ୍ରଦର୍ଶନ ଫଳକ ତିଆରି କରି ସେଥିରେ ସୈରାତ୍ ଉତ୍ସର ନକ୍ସା ସହିତ ଲିଜ୍ଧାରୀଙ୍କ ନାମ ତଥା ସମ୍ପୁର୍ଣ୍ଣ ବିବରଣୀ ସହ **Lease** ର ଅବଧି ଉଲ୍ଲେଖ କରିବେ । ଏହି ସବୁ କାର୍ଯ୍ୟ ଲିଜ୍ଧାରୀ ନିଜ ଖର୍ଚ୍ଚରେ ବହନ କରିବେ ପୁନଶ୍ଚ ଲିଜଧାରୀ ଖଣି ପରିଚାଳନା ଜନିତ କ୍ଷୟ କ୍ଷତି ସରକାରଙ୍କୁ ଭରଣା କରିବାକୁ ଦାୟୀ ରହିବେ ।

୨୩. ଉପରୋକ୍ତ ସମସ୍ତ ସର୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ, କ୍ଷମତା ସମ୍ପର୍ଣ୍ଣ ଅଧିକାରୀଙ୍କ ଠାରୁ ଅନୁମତି ନମିଳିବା ପର୍ଯ୍ୟନ୍ତ ଲିଜ୍ଧାରୀ ସୈରାତ୍ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ । ଏଥିରେ ଖିଲାପ ହେଲେ **OMMC Rules, 2016** ଓ ତତ୍ ସମ୍ବନ୍ଧୀୟ ଆଇନ ଅନୁଯାୟୀ ଦଣ୍ଡନୀୟ ହେବ ।

୨୪. ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନପାରିଲେ କତୃପକ୍ଷ ଦାୟୀ ରହିବେ ନାହିଁ । ଆବଶ୍ୟକ ସ୍ଥଳେ କୌଣସି କାରଣ ନଦର୍ଶାଇ କତୃପକ୍ଷ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ବା ରଦ କରିପାରିବେ ।

୨୫. ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତାହା ସଂଶୋଧନ କରିବାର ସମ୍ପର୍ଣ୍ଣ କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ ରହିଅଛି । ଅନିବାର୍ଯ୍ୟ କାରଣ ବଶତଃ କ୍ଷମତା ସମ୍ପର୍ଣ୍ଣ ଅଧିକାରୀ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିପାରିବେ କିମ୍ବା ବାତିଲ କରିପାରିବେ ।

୨୬. ନିଲାମଧାରୀ ତାଙ୍କୁ ଦିଆଯାଇଥିବା ପରିସର ବାହାରେ ଖନନ କରିଲେ ତାହା ଅପ୍ରାଧିକୃତ ଧରାଯିବ । ଏବଂ **MMDR Act-1957, MMC Rules/ Regulation/ Circular** ଇତ୍ୟାଦି ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ଏବଂ ଆବଶ୍ୟକ ସ୍ଥଳେ ଲିଜକୁ ରାଜ୍ୟ ସରକାରୀଙ୍କ କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ ।

**୨୭. ସଫଳ ନିଲାମଧାରୀ ଲିଜ୍ ଚୁକ୍ତିନାମା ପୂର୍ବରୁ ଟ.୧୦,୦୦୦.୦୦ (ଦଶ ହଜାର) ଙ୍କା ମାତ୍ର ସିକ୍ୟୁରିଟି ଡିପୋଜିଟ୍ ଧାରା ୪୨ ଅନୁଯାୟୀ (In shape of Draft) ପ୍ରଦାନ କରିବେ ।**

୨୮. ସୈରାତ୍ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତାବଳୀ ତହସିଲଦାର, ଗଣିଆଙ୍କ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ସମ୍ବନ୍ଧୀୟ ସମ୍ପୁର୍ଣ୍ଣ ସର୍ତାବଳୀ WWW.nayagarh.nic.in ରେ ଉପଲବ୍ଧ ହେବ ।

ବି.ଦ୍ର.-ସୈରାତ୍ ଉତ୍ସ ଗୁଡିକର ସମସ୍ତ ସବିଶେଷ ବିବରଣୀ ସାରଣୀ -୧ **(Annexure-1)** ରେ ବର୍ଣ୍ଣିତ ହୋଇଅଛି ।

ତହସିଲଦାର- ତଥା କ୍ଷମତା ସମ୍ପର୍ଣ୍ଣ ପ୍ରାଧିକାରୀ, ଗଣିଆ

ଜ୍ଞାପକ ସଂଖ୍ୟା ..୯୩୪.............ତାରିଖ ...୨୨.୦୫.୨୦୨୦......

ଏହାର ଏକକିତା ନକଲ ଡି. ଆଇ.ଓ, ଏନ୍. ଆଇ.ସି, ନୟାଗଡଙ୍କୁ ୱେବସାଇଟରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

ତହସିଲଦାର- ତଥା କ୍ଷମତା ସମ୍ପର୍ଣ୍ଣ ପ୍ରାଧିକାରୀ, ଗଣିଆ

ଜ୍ଞାପକ ସଂଖ୍ୟା ..୯୩୫..........ତାରିଖ ..୨୨.୦୫.୨୦୨୦.....

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାର ପାଇଁ ତହସିଲ କାର୍ଯ୍ୟାଳୟ ପ୍ରଦର୍ଶନ ଫଳକ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗଣିଆ / ଉପ-ଜିଲ୍ଲାପାଳ, ନୟାଗଡ /ଜିଲ୍ଲାପାଳ, ନୟାଗଡଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମସ୍ତ ସରପଂଚ, ପଂଚାୟତ ସମିତି, ଗଣିଆ ଅଧିନସ୍ତ / ଏହି କାର୍ଯ୍ୟାଳୟ ଅଧିନସ୍ତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ସମସ୍ତ ସରପଂଚ, ପଂଚାୟତ ସମିତି, ଗଣିଆଙ୍କ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର- ତଥା କ୍ଷମତା ସମ୍ପର୍ଣ୍ଣ ପ୍ରାଧିକାରୀ, ଗଣିଆ

# ନିଲାମ ପାଇଁ ଥିବା ସୈରାତ୍ ଉତ୍ସ ଗୁଡିକର ବିବରଣୀ

| କ୍ର. ନଂ. | ସୈରାତ୍ କେଶ ସଂଖ୍ୟା ଓ ବର୍ଷ | ସୈରାତ୍ ଉତ୍ସର ନାମ ଓ ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | କିସମ | ସର୍ବନିମ୍ନ ବାର୍ଷିକ ସ୍ଥିରିକୃତ ପରିମାଣ (MGQ) | ରୟାଲିଟି (Royality) | ସର୍ବନିମ୍ନ ଅତିରିକ୍ତ ଦେୟ ପ୍ରତି କ୍ୟୁବିକ ମିଟର ପାଇଁ (Addl. Charge) | EMD in Rs. | Interest Free Security Deposit in Rs. | Bank Guarantee or Solvency In Rs. |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୦୧ | ୦୧/୨୦୨୦ | ମହାନଦୀ ବାଲି ଖାଦାନ, ମୌଜା-ହରିରାଜପୁରଓରଫନଙ୍ଗଲକଂଟା | ୬୦୬ | ୩୦୩୫ (ସ୍ଥ) | ଏ.୧୨.୩୫ ଡି. | ନଦୀ | ୫୦୦୪ | ଟ.୩୫.୦୦ ଙ୍କା | ଟ.୨୫.୦୦ ଙ୍କା | ଟ.୧୫,୦୨୦.୦୦ ଙ୍କା | ଟ.୧୦,୦୦୦ ଙ୍କା | ଟ.୩,୦୦,୨୪୦.୦୦ ଙ୍କା |
| ୦୨ | ୦୨/୨୦୨୦ | ପଥର ଖଣି, ମୌଜା-ବିନ୍ଧ୍ୟଗିରୀ | ୬୬ | ୫୦୭ (ସ୍ଥ) | ଏ.୪.୯୪ ଡି. | ପର୍ବତ ଦୁଇ | ୮୪୧୯ | ଟ.୧୩୦.୦୦ ଙ୍କା | ଟ.୬୦.୦୦ ଙ୍କା | ଟ.୮୦,୦୦୦.୦୦ ଙ୍କା | ଟ.୧୦,୦୦୦ ଙ୍କା | ଟ.୧୫,୯୯,୬୧୦.୦୦ ଙ୍କା |
| ୦୩ | ୦୩/୨୦୨୦ | ମୋରମ ଖଣି, ମୌଜା-ଗୋପିବଲ୍ଲଭପୁର | ୭୯ | ୪୨୮ (ସ୍ଥ) | ଏ.୧୨.୦୦ ଡି. | ପର୍ବତ ଦୁଇ | ୫୦୪୦ | ଟ.୩୫.୦୦ ଙ୍କା | ଟ.୧୬.୦୦ ଙ୍କା | ଟ.୧୨,୮୬୦.୦୦ ଙ୍କା | ଟ.୧୦,୦୦୦ ଙ୍କା | ଟ. ୨,୫୭,୦୪୦.୦୦ ଙ୍କା |

[signature] ୨୦/୮/୨୦୨୦

ତହସିଲ୍‌ଦାର- ତଥା କ୍ଷମତା ସମ୍ପନ୍ନ ପ୍ରାଧିକାରୀ, ଗଣିଆ

## FORM – M

Application for grant of Quarry Lease

[*See* rule 27(4)]

To

..........................................................................................................

Dated the 20

Sir,

1. I/We submit an application for a quarry lease for.............(mineral) for a term of .................. years over............hectares of land in the area specified in the *Annexure-I* given below:-

2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at........................and a receipted challan bearing No........... dated.....................is

enclosed.

3. The required particulars are given below:-

i) An affidavit stating that no mining due payable under the Act and Rules made there under is outstanding against the applicant.

ii) Where land belongs to private persons, consent of all such persons for grant of quarry lease.

iii) Bank guarantee and list of immovable property from the Revenue Authority.

4. (i) Name and address of the applicant.................................................

(ii) Nationality of the applicant.................................................

(iii) Profession of the applicant.................................................

(iv) Particulars of the areas, mineral wise, within the State for which the applicant or any person having joint interest with him.............................................

a) Already holds a quarry lease..................................................

b) Has already applied for a quarry lease but not granted ..........................

c) Being applied for simultaneously...............................................

d) Nature of joint interest, if any.................................................

(v) Means by which the minor minerals is/are to be raised, i.e. whether manual or mechanical......................

(vi) Manner in which the minor mineral raised to be utilized-

(a) For manufacture........................

(b) For sale....................................

(c) Any other purpose.....................

(vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

Signature of the applicant

**N.B:** If the application is signed by an authorized agent of the applicant, the power of attorney should be attached.